**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**23 July - 2024**

**News Editor : *Itishree Singh Rathaur***

**************************************

## ସଂସଦ - ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦୀର୍ଘ ୬୦ବର୍ଷ ପରେ କୌଣସି ସରକାର କ୍ରମାଗତ ତୃତୀୟଥର କ୍ଷମତାକୁ ଆସିବା ସହ ତୃତୀୟ ପାଳିର ପ୍ରଥମ ବଜେଟ୍ ଉପସ୍ଥାପନ କରିବା ଗର୍ବର ବିଷୟ । ଶ୍ରୀମତୀ ସୀତାରମଣ ଆଜି ପୂର୍ବାହ୍ନ ୧୧ଟାରେ ସପ୍ତମ ବଜେଟ୍ ଅଭିଭାଷଣ ପ୍ରଦାନ କରିବେ । ସୂଚନାଯୋଗ୍ୟ ଚଳିତ ମୌସୁମୀ ଅଧିବେଶନରେ ମୋଟ୍ ୧୯ଟି କାର୍ଯ୍ୟଦିବସ ରହିଥିବାବେଳେ ଏହା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଗତକାଲି ସଂସଦରେ ୨୦୨୩-୨୪ ଆର୍ଥିକ ବର୍ଷପାଇଁ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏଥିରେ ଚଳିତ ଆର୍ଥିକ ବର୍ଷରେ ଦେଶର ସକଳ ଘରୋଇ ଉତ୍ପାଦ - ଜି.ଡି.ପି. ୬ ଦଶମିକ ୫ରୁ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ପୂର୍ବ ଆର୍ଥିକ ବର୍ଷରେ ଅଭିବୃଦ୍ଧି ଆକଳନ ୮ ଦଶମିକ ୨

ପ୍ରତିଶତ ରହିଥିଲା । ତେବେ ବିଭିନ୍ନ ବୈଷୟିକ ଆହ୍ୱାନ ଦେଶର ରପ୍ତାନୀକୁ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ୨୦୨୪-୨୫ରେ ଅଭିବୃଦ୍ଧି ହ୍ରାସ ପାଇବ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ଗତ ୬ ବର୍ଷ ମଧ୍ୟରେ ଶ୍ରମିକ ବଜାର ସୂଚକାଙ୍କରେ ଉନ୍ନତି ଦେଖାଦେଇଛି । ଯୁବବର୍ଗଙ୍କ ମଧ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୭ ଦଶମିକ ୮ ପ୍ରତିଶତ ବେକାରୀ ସମସ୍ୟା ଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୧୦ ପ୍ରତିଶତକୁ ହ୍ରାସ ପାଇଛି । ତଥ୍ୟ ଅନୁସାରେ ଗତ ୬ ବର୍ଷ ମଧ୍ୟରେ ମହିଳା ଶ୍ରମଶକ୍ତି ଭାଗିଦାରୀତା ହାର ମଧ୍ୟ ବୃଦ୍ଧି ପାଇଛି । ଯୁବବର୍ଗଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଦେବାକୁ ହେଲେ ଅଣକୃଷି କ୍ଷେତ୍ରରେ ୨୦୩୦ ପର୍ଯ୍ୟନ୍ତ ବାର୍ଷିକ ୭ ଦଶମିକ ୮୫ନିୟୁତ ନିଯୁକ୍ତି ସୃଷ୍ଟି କରିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି ।

## ମୁଖ୍ୟ ସଚେତକ ନିଯୁକ୍ତ

ରାଜ୍ୟରେ ଶାସକ ଦଳ ବିଜେପି ବିଧାନସଭା ମୁଖ୍ୟ ସଚେତକ ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ଦାସଙ୍କୁ ନିଯୁକ୍ତି ପ୍ରଦାନ କରିଛି । ସେହିପରି ରେମୁଣାର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଉପମୁଖ୍ୟ ସଚେତକ ଭାବେ ନିଯୁକ୍ତ କରାଯାଇଛି । ଏନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଗତକାଲି ସଂଧ୍ୟାରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ନର୍ସିଂ ଅଫିସର

ରାଜ୍ୟରେ ସାଧାରଣ ସ୍ୱାସ୍ଥ୍ୟସେବା ଅଧୀନରେ କାର୍ଯ୍ୟ କରୁଥିବା ଏକହଜାର ୨୨ଜଣ ନର୍ସିଂ ଅଫିସରଙ୍କ ଚାକିରି ନିୟମିତ କରିବା ପ୍ରସ୍ତାବକୁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ସିଡିଏମ୍, ପିଏଚ୍ଓ ତଥା ମେଡ଼ିକାଲ କଲେଜ ଅଧୀନରେ ସାଧାରଣ ସ୍ୱାସ୍ଥ୍ୟସେବା ବର୍ଗରେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କ ନିଯୁକ୍ତିକୁ ନିୟମିତ କରାଯାଇଛି । ସୂଚନା ଅନୁସାରେ ୨୦୧୩ ପୂର୍ବରୁ ଠିକାରେ ନିଯୁକ୍ତି ପାଇଥିବା ନର୍ସିଂ ଅଫିସର ଏବଂ ପାରା ମେଡ଼ିକାଲ କର୍ମଚାରୀଙ୍କ ନିଯୁକ୍ତିକୁ ସ୍ଥାୟୀ କରାଯାଇଛି ।

## ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲ

ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ବିଜେଡି ସାଂସଦ ଶୁଭାଶିଷ ଖୁଣ୍ଟିଆ ସ୍ଥାନ ପାଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଏନେଇ ସୂଚନା ପ୍ରଦାନ କରିଛନ୍ତି । ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲ ପୁର୍ନଗଠନ କରାଯାଇଥିବାବେଳେ ଏଥିରେ ଶ୍ରୀ ଖୁଣ୍ଟିଆଙ୍କ ସମେତ ଅନ୍ୟ ସାଂସଦମାନଙ୍କୁ ସ୍ଥାନ ମିଳିଛି ।

## ରାଡାର ସ୍ଥାପନ

ଭାରତୀୟ ବାୟୁସେନା ସମ୍ବଲପୁରସ୍ଥିତ ହୀରାକୁଦରେ ଏକ ମଧ୍ୟମ ଶକ୍ତି ସମ୍ପନ୍ନ ରାଡାର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଛି । ଏଥିପାଇଁ ବାୟୁ ସେନାର ଅନୁରୋଧ କ୍ରମେ ସରକାର ଗୋଡପାଲି ମୌଜାରେ ଜମି ଚିହ୍ନଟ କରିଛନ୍ତି । ଏହି ରାଡାର ସ୍ଥାପନ ହେବାଦ୍ୱାରା ବିଭିନ୍ନ ପ୍ରକାରର ବିମାନ,

ଡ୍ରୋନ୍, ଯୁଦ୍ଧାସ୍ତ୍ର ଆଦି ଗତିବିଧି ଉପରେ ବାୟୁସେନା ନଜର ରଖିପାରିବ ବୋଲି ଜଣାପଡିଛି ।

# ଦିନିକିଆ କର୍ମଶାଳା

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିଶା ନିବାରଣ କେନ୍ଦ୍ର ଗୁଡ଼ିକର ପରିଚାଳନା ପାଇଁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ପରିସରରେ ଦିନିକିଆ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଯୋଗଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଚଳିତ ବର୍ଷ ରାଜ୍ୟରେ ଆଉ ୫ଟି ନିଶା ନିବାରଣ କେନ୍ଦ୍ର ଖୋଲିବାର ଯୋଜନା ରହିଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଗୁଡ଼ିକର ସୁପରିଚାଳନା, ନିଶା ନିବାରଣ ପ୍ରକ୍ରିୟା, ଗୋଷ୍ଠୀ ସହଭାଗିତା ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

# କୌଶଳ ରଥ

ଅନୁଗୁଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆସନ୍ତା ୨୭ତାରିଖରୁ କୌଶଳ ରଥ ପରିଭ୍ରମଣ କରିବା ନେଇ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି । ଏହି ରଥରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକାରର କୁଶଳୀ, ଉଚ୍ଚଦକ୍ଷତା ପ୍ରଶିକ୍ଷଣ ଓ ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନ କରିବା ସହ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯିବ ।

## ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ ପକ୍ଷରୁ ଗତକାଲିଠାରୁ କଟକର ରେଭେନ୍ସା ଗ୍ରାଉଣ୍ଡ-୧ରେ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଭୁବନେଶ୍ୱର' ଝାରସୁଗୁଡାକୁ ୭୮ ରନ୍‌ରେ ପରାସ୍ତ କରିଛି । ସେହିଭଳି ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ' ସୁନ୍ଦରଗଡ ଦଳକୁ ୧୦ ଓ୍ୱିକେଟ୍‌ରେ ପରାସ୍ତ କରିଛି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବର୍ତ୍ତମାନ ମଧ୍ୟପ୍ରଦେଶ ଉପରେ ରହି ଏକ ଟ୍ରଫ୍ ଲାଇନ୍ ଓଡ଼ିଶା ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବରଗଡ, ବୌଦ୍ଧ, ସୋନପୁର, ସମ୍ବଲପୁର ଆଦି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାକୁ ଦୃଷ୍ଟିରେ ରଖି ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।